# ଥମୁନି ମ୍ୟାଲେରିଆ, ନେଲାଣି ୨ ଶିଶୁଙ୍କ ଜୀବନ

**ରାୟଗଡ଼ା,୧୯।୭(ଆଶିଷ ରଞ୍ଜନ ପଣ୍ଡା)**



ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ୱାର୍ଡ ବାରଣ୍ଡାରେ ପିଲାଙ୍କୁ ଚିକିତ୍ସା କରାଯାଉଛି।

ରାୟଗଡ଼ା ଜିଲାରେ ବଢ଼ି ଚାଲିଛି ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା। ଜିଲାରେ ଥିବା ଆଶ୍ରମ, ସେବାଶ୍ରମ ଓ ଉଚ୍ଚ ବିଦ୍ୟାଳୟରେ ଥିବା ହଷ୍ଟେଲରେ ମ୍ୟାଲେରିଆ ବ୍ୟାପିବାରେ ଲାଗିଛି। ମୁଖ୍ୟତଃ ଶିଶୁମାନେ ମ୍ୟାଲେରିଆରେ ଆକ୍ରାନ୍ତ ହେଉଛନ୍ତି। ଏଥିରେ ଆକ୍ରାନ୍ତ ହୋଇ ୨ ଶିଶୁଙ୍କ ମୃତ୍ୟୁ ଘଟିଲାଣି। ଗୁରୁବାର ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା ବ୍ଲକ୍ ବଡ଼ରାଇସିଂ ଆଶ୍ରମ ବିଦ୍ୟାଳୟର ଛାତ୍ର ଚାନ୍ଦୁ କଲକା। ତାଙ୍କ ଘର ରାୟଗଡ଼ା ବ୍ଲକ୍ ତାଡମା ପଞ୍ଚାୟତ କଲିଙ୍ଗି ଗ୍ରାମରେ । ଗତ ୧୫ ତାରିଖରେ ଚାନ୍ଦୁ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟସ୍ଥିତ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ବୁଧବାର ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହାପୂର୍ବରୁ ଗତ ୮ ତାରିଖରେ ରାୟଗଡ଼ା ବ୍ଲକ୍ ଦୁର୍ଗାପାଡୁ ଆଶ୍ରମ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ମନୀଷା ମାଣ୍ଡାଙ୍ଗି (୧୨)ଙ୍କ ମୃତ୍ୟୁ ହୋଇଥିଲା।

ଅପରପକ୍ଷେ ହଷ୍ଟେଲରେ ରହି ପାଠ ପଢୁଥିବା ଶତାଧିକ ଛାତ୍ରୀଛାତ୍ର ମ୍ୟାଲେରିଆ ଆକ୍ରାନ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୩୭ ଜଣ ବିଭିନ୍ନ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। କେବଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଥିବା ୧୭ ଜଣ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ବନିତା ଉର୍ଲାକା (୧୧), ବିନାୟକ ବେନିଆ(୭), ଆରୁଷ ଖାର୍ସେଲ(୬), ଲିପି କୌଶଲ୍ୟା(୧୨), ଜଗା ବିଡିକା(୯), ପ୍ରତିମା ମାଝି(୭), ଜାହ୍ନବୀ ବାଡ୍ରିଆ(୬), ନିଳନ୍ତି ବାଡେକା(୧୧), କୁନୁ ମାଝି(୫), ମାମାଲି ବେନିଆ(୬), ହିମାଂଶୁ ହିଆଲ(୮), ରଶ୍ମି ହୁଇକା(୮), ଇନ୍ଦ୍ର କୁନାକା(୮), ଶିଲ୍ପା ମହାନନ୍ଦିଆ(୧୧), ବେବି ସାମଲ(୮) ଓ କିଳେଶ୍ୱର ଗରଡିଆ(୬) । ଅନ୍ୟପଟେ ମେଡିକାଲଗୁଡ଼ିକରେ ଶଯ୍ୟା ଅଭାବ ଦେଖାଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ୱାର୍ଡ ୩୨ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଶୁକ୍ରବାର ୬୩ ଜଣ ଶିଶୁ ଭର୍ତ୍ତି ହୋଇଛନ୍ତି । ୩୧ ଜଣ ଶିଶୁଙ୍କୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବାରଣ୍ଡାରେ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣ ହେଉ ନ ଥିବାବେଳେ ଅନ୍ୟପଟେ ମେଡିକାଲରେ ଶଯ୍ୟା ଅଭାବ। ଏହା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତା ବଢ଼ାଉଛି। ଫଳରେ ଅଭିଭାବକମାନେ ଭୟଭୀତ ହୋଇ ପିଲାଙ୍କୁ ହଷ୍ଟେଲରେ ନ ରଖି ଘରକୁ ନେଇଯାଉଥିବା ମଧ୍ୟ ନଜରକୁ ଆସିଛି। ରାୟଗଡା ସହର ଉପକଣ୍ଠ ଅନ୍ୱେଷା ହଷ୍ଟେଲରେ ଏଥିପାଇଁ ଅଭିଭାବକଙ୍କ ଭିଡ଼ ଲାଗିରହିଛି । ତେବେ ମଙ୍ଗଳ ବିଭାଗ ଅଧୀନରେ ରହିଥିବା ବିଦ୍ୟାଳୟଗୁଡ଼ିକରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ । ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣ ବିଷୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି, ଏମ୍‌ଡିଡି କ୍ୟାମ୍ପେନ ମାଧ୍ୟମରେ ସଚେତନତା କରାଯାଉଛି। ବିଦ୍ୟାଳୟଗୁଡିକରେ ରକ୍ତ ପରୀକ୍ଷାକରି ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି। ସମସ୍ତ ରୋଗୀଙ୍କୁ ଜିଲାର ବିଭିନ୍ନ ମେଡିକାଲରେ ସେବା ମଧ୍ୟ ପ୍ରଦାନ କରାଯାଉଛି ।

- ଜିଲାରେ ମ୍ୟାଲେରିଆ ପରିସ୍ଥିତି ଉଦ୍‌ବେଗଜନକ
- ଶତାଧିକ ଛାତ୍ରୀଛାତ୍ର ଆକ୍ରାନ୍ତ
- ବିଭିନ୍ନ ମେଡିକାଲରେ ୩୭ ଚିକିତ୍ସାଧୀନ

# ରାୟଗଡ଼ା ଖାଦ୍ୟ ପ୍ରକ୍ରିୟାକରଣ ସମ୍ମିଳନୀ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର, ୧୯।୭(ପ୍ରଦୀପ କୁମାର ପାଢ଼ୀ )**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ସର୍ବ ଓଡ଼ିଶା ଅନୁସୂଚିତ ଜାତି ଓ ଉପଜାତି ବାଣିଜ୍ୟ ଓ ଶିଳ୍ପ ସଂଗଠନ ତରଫରୁ 'ରାୟଗଡ଼ା ଖାଦ୍ୟ ପ୍ରକ୍ରିୟାକରଣ ସମ୍ମିଳନୀ' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ 'ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଶିଳ୍ପ ମନ୍ତ୍ରଣାଳୟ' ଦ୍ୱାରା ପ୍ରାୟୋଜିତ ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଓଏସ୍‌ସିଆଇର ସଭାପତି ସାଧୁ ଛତ୍ରିଆ ସ୍ୱାଗତ ଭାଷଣ ଦେଇଥିଲେ। ଗୁଣପୁର ଉପଜିଲାପାଳ କିରଣଦୀପ କୌର ସାହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ଅଧିକ ଜ୍ଞାନ ଅର୍ଜନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣରେ ସମସ୍ତ ସୁଯୋଗର ଉପଲବ୍ଧି କରି ଉଦ୍ୟୋଗୀ ହେବା ପାଇଁ ମତବ୍ୟକ୍ତ କରିଥିଲେ। କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଦୁଗ୍ଧ ଏବଂ ପଶୁପାଳନ ମନ୍ତ୍ରଣାଳୟର ଅବସରପ୍ରାପ୍ତ ଡେପୁଟି କମିଶନର ଡ. ବାସୁଦେବ ସୁନାନୀ, ରାୟଗଡ଼ାସ୍ଥିତ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦୟାନିଧି ବାଗ, ରାୟଗଡ଼ା ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବିଜୟ କୁମାର ସାହୁ ଯୋଗଦେଇ ଗୁଣାତ୍ମକ ଉତ୍ପାଦନ ସହ ଏହି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ମତ ରଖିଥିଲେ। ଓଡ଼ିଶା ଅନୁସୂଚିତ ଜାତି ଓ ଉପଜାତି, ବାଣିଜ୍ୟ ଓ ଶିଳ୍ପର ଉପଦେଷ୍ଟା ବରୁଣ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ବି. ପ୍ରିୟଙ୍କା ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖାଦ୍ୟ ପ୍ରକ୍ରିୟାକରଣ ସମ୍ବନ୍ଧିତ ବିଭିନ୍ନ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ। ସମ୍ମିଳନୀରେ ଜିଲାର ବିଭିନ୍ନ ଉଦ୍ୟୋଗୀଙ୍କ ସହ ବିଶ୍ୱବିଦ୍ୟାଳୟ ବିଭାଗର ମୁଖ୍ୟ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମ୍ମିଳନୀକୁ ଡ. ପ୍ରତିଭା କର, ରାଧାନାଥ ପାତ୍ର ପରିଚାଳନା କରିଥିଲେ।

# କାଶୀପୁର ପଞ୍ଚାୟତ ସମିତି ବୈଠକ



ବୈଠକରେ ମଞ୍ଚାସୀନ ବିଧାୟକଙ୍କ ସହ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧିମାନେ।

**ଟିକିରି,୧୯।୭ (ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଷଷ୍ଠତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାଶୀପୁର ବିଡିଓ ଡ. ଅମୃତ ରାଉଳ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବ୍ଲକ ଉପାଧ୍ୟକ୍ଷ, ବିଧାୟକ ପ୍ରତିନିଧି ଜିଝୁରୁ ମାଝୀ ଏବଂ ଏମ୍‌ପି ପ୍ରତିନିଧି ବୁଲୁ ନାଏକ ପ୍ରମୁଖ ମଞ୍ଚାସୀନ ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନ ପାଇଁ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ବୈଠକରେ ଗୃହିତ ପ୍ରସ୍ତାବ ପାସ୍ କରି ପରବର୍ତ୍ତି ସମୟରେ ପ୍ରସ୍ତାବଗୁଡିକର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା।ଏହି ବୈଠକରେ କାଶୀପୁର ବ୍ଲକର ସମସ୍ତ ସରପଞ୍ଚ,ସମିତି ସଭ୍ୟଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମନା: ବିରୋଧକଲେ ଆପଲସ୍ୱାମୀ

**ରାୟଗଡ଼ା,୧୯।୭(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ାରେ ଗୁରୁବାର ଅନୁଷ୍ଠିତ ଚତୁର୍ଥ ଆର୍‌ପିଡିଏସି ବୈଠକ ପ୍ରାରମ୍ଭରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଫଟୋ ଓ ଭିଡିଓ ଉତ୍ତୋଳନ କରି ବାହାରକୁ ଚାଲିଯିବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ କହିଥିଲେ। ତେବେ ଏହାକୁ ବିରୋଧ କରିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସ୍ୱର ଉଠାଇ ଭିତରେ ରହିବାକୁ ନେଇ ଦାବି କରିଥିଲେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା। ଏହାପରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଗଣମାଧ୍ୟମ ପ୍ରତିନିଧି ବୈଠକରେ ବସିପାରିବେ, କିନ୍ତୁ କୌଣସି ପ୍ରତିକ୍ରିୟା ରଖିପାରିବେ ନାହିଁ ବୋଲି କହିଥିଲେ। ଏହାପରେ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ରହିଥିଲେ।

ପ୍ରକାଶ ଥାଉକି, ପୂର୍ବ ସରକାର ସମୟରେ ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କେବଳ ଫଟୋ ଓ ଭିଡିଓ ଉତ୍ତୋଳନକରି ବାହାରକୁ ଚାଲିଯିବାକୁ କୁହାଯାଉଥିଲା। ବର୍ତ୍ତମାନ ନୂଆ ସରକାର ଗଠନ ପରେ ମଧ୍ୟ ଜିଲାର ବହୁ ଗୁରୁତ୍ୱପର୍ଣ୍ଣ ବୈଠକରେ ଅନୁରୂପ ନିର୍ଦ୍ଦେଶ ରହୁଛି। ତେବେ ଆର୍‌ପିଡିଏସି ବୈଠକରେ ଜିଲାରେ ଡିପ୍‌ଥେରିଆ ବ୍ୟାପି ୫ ଶିଶୁ ମୃତ୍ୟୁବରଣ କରିବା ଏବଂ ଜିଲାକୁ ପୂର୍ବରୁ ମ୍ୟାଲେରିଆମୁକ୍ତ କହୁଥିବା ବେଳେ ବିଦ୍ୟାଳୟରେ ମ୍ୟାଲେରିଆ ବ୍ୟାପିବା ଏବଂ ଜିଲା ମ୍ୟାଲେରିଆ ରୋଗରେ ରାଜ୍ୟରେ ୧ ନମ୍ବର ରହିଥିବା ନେଇ ଗଣମାଧ୍ୟମ ଲୋକଲୋଚନକୁ ଆଣିଥିଲେ। ତେଣୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରେ ଉପସ୍ଥିତ ରହି ବୈଠକରେ ହୋଇଥିବା ଆଲୋଚନାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ଜରୁରୀ ରହିଛି ବୋଲି ଯୁକ୍ତି ବାଢ଼ିଥିଲେ ବିଧାୟକ ଆପଲସ୍ୱାମୀ। ତେବେ ପ୍ରଥମ ଥର ବିଧାୟକ ଭାବେ ନିର୍ବାଚିତ ହେବା ପରେ ଗଣମାଧ୍ୟମ ପାଇଁ ଏଭଳି ସ୍ୱର ଉତ୍ତୋଳନ କରିଥିବାରୁ ଗଣମାଧ୍ୟମ ପ୍ରତିନିଧି ଧନ୍ୟବାଦ ଅର୍ପଣ କରଛନ୍ତି। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧି ବୈଠକରେ ଉପସ୍ଥିତ ରହି ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଛିଡା ହୋଇ ରହିଥିଲେ ମଧ୍ୟ ଜିଲା ପ୍ରଶାସନ ବସିବା ବ୍ୟବସ୍ଥା ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ମର୍ମାହତ କରିଛି ବୋଲି ପ୍ରତିନିଧି ରଞ୍ଜନ ରଥ କହିଛନ୍ତି। ସେହିଭଳି ପଞ୍ଚାୟତ ସମିତି ବୈଠକ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ବୈଠକ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଉ ନ ଥିବା ସମ୍ପର୍କରେ ରାୟଗଡ଼ା ବିଡିଓ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସାଧାରଣ ଭାବେ ବୈଠକ କରାଯାଇ କେବଳ ଆଲୋଚନା ହୋଇଥିଲା। ସେଥିପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିଲା, କିନ୍ତୁ ଆଗାମୀ ଦିନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯିବ ।

# ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ

## ଗୁଡ଼ାରିରେ ପଞ୍ଚାୟତ ସମିତି ବୈଠକ



ବୈଠକରେ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଗୁଡ଼ାରି,୧୯।୭ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅନିଶା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ କାର୍ଯ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ବୈଠକ ଆରମ୍ଭ ହୋଇଥିଲା। ବିଧାୟକ ବ୍ଲକ୍‌ର ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଶିକ୍ଷା, ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ, ମିଶନ ଶକ୍ତି, କୃଷି ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତିସଭ୍ୟ, ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ମୁଖ୍ୟ ଓ ବ୍ଲକ୍‌ର ସମସ୍ତ ଲାଇନ ଅଧିକାରୀ ପ୍ରମୁଖ ବୈଠକରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ମାନସ ବାରିକ ପରିଚାଳନା କରିଥିଲେ।

# ରତ୍ନବେଦିକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି

**ଗୁଣପୁର,୧୯।୭(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁରଠାରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଦୁଇ ରଥରେ ପବିତ୍ର ହରିଶୟନ ଏକାଦଶୀ ଅବସରରେ ଶ୍ରୀଜିଉଙ୍କ ସୁନାବେଶ ନୀତି ବୁଧବାର ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ରଥରେ ଅଧରପଣା ନୀତି କରାଯାଇଥିଲା। ଏହାପରେ ଶ୍ରୀଜିଉଙ୍କ ପହଣ୍ଡି କାର୍ଯ୍ୟକ୍ରମ ହୋଇଥିଲା। ପହଣ୍ଡି ସମୟରେ ମା' ଲକ୍ଷ୍ମୀଙ୍କ ବଚନିକା ନୀତି ମଧ୍ୟ କରାଯାଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ଶ୍ରୀମନ୍ଦିର ନିଆଯାଇ ରତ୍ନବେଦୀରେ ବିରାଜମାନ କରାଯାଇଥିଲା। ସମସ୍ତ ପୂଜକ ଏବଂ ସେବାୟତମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମାପନ କରିଥିଲେ।



ଗୁଣପୁରରେ ବଡ ଠାକୁରଙ୍କୁ ପହଣ୍ଡି କରି ରତ୍ନବେଦିକୁ ନିଆଯାଉଛି ।

# ସରୁନି ୯ କି.ମି. ରାସ୍ତା କାମ

## ଜିଲାପାଳଙ୍କୁ ଭେଟିଲେ ଡଙ୍ଗରିଆ କନ୍ଧ

**ରାୟଗଡ଼ା,୧୯।୭(ଆଶିଷ ରଞ୍ଜନ ପଣ୍ଡା)**



ଜାଙ୍ଗଯୋଡ଼ି ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ରାୟଗଡ଼ା ଜିଲା ଗଠନ ହେବାର ୩୨ ବର୍ଷ ବିତିଲାଣି, ହେଲେ ଆଜି ବି ଜିଲାର ବହୁ ଗ୍ରାମାଞ୍ଚଳକୁ ପକ୍କାରାସ୍ତା ନାହିଁ । ଫଳରେ ଛାତ୍ରୀଛାତ୍ର, ଗର୍ଭବତୀ, ବୃଦ୍ଧ ସମସ୍ତେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ କାଦୁଅ ପଚପଚ ରାସ୍ତାରେ ଲୋକଙ୍କୁ ଯିବାକୁ ପଡୁଛି। ଅନ୍ୟପକ୍ଷେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନିୟମଗିରି ପାଦଦେଶରେ ରହିଥିବା ଚାଟିକଣାଠାରୁ ଜାଙ୍ଗଯୋଡ଼ି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆରମ୍ଭହୋଇ ଇତିମଧ୍ୟରେ ୨ ବର୍ଷ ବିତିଗଲାଣି। ତଥାପି ୨ ବର୍ଷ ମଧ୍ୟରେ ମାତ୍ର ୯ କି.ମି. ରାସ୍ତା ନିର୍ମାଣ ହୋଇପାରୁନାହିଁ। ନିୟମଗିରି ପାହାଡ଼ ତଳେ କୁଲି ପଞ୍ଚାୟତର ଜାଙ୍ଗଯୋଡ଼ିରେ ବସବାସ କରୁଥିବା ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଶୁକ୍ରବାର ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ଦେବା ସହ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି । ଜିଲାପାଳ ଅଭିଯୋଗ ଶୁଣିବା ପରେ ତୁରନ୍ତ ରାସ୍ତା ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

ନିୟମଗିରି ପାଦଦେଶରେ ରହିଥିବା ଚାଟିକଣାଠାରୁ ଜାଙ୍ଗଯୋଡ଼ି ପର୍ଯ୍ୟନ୍ତ ୯ କି.ମି. ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ୨୦୨୨ ମେ ମାସରେ ମା' ବଘେଇ କନ୍‌ଷ୍ଟ୍ରକ୍ସନ ନାମକ ଏକ ଠିକା କମ୍ପାନୀ ଟେଣ୍ଡର ପାଇଛି । ତେବେ ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଠିକା କମ୍ପାନୀ ଉକ୍ତ ରାସ୍ତା କାମ କରୁନାହିଁ। ଫଳରେ ଜାଙ୍ଗଯୋଡ଼ି ଗ୍ରାମବାସୀ ଗମନାଗମନ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଥିସହ ଗାଁକୁ ପକ୍କାରାସ୍ତା ନ ଥିବାରୁ କୌଣସି ଗାଡ଼ି ଯାତାୟାତ କରିପାରୁନାହିଁ । ଏପରିକି ଗର୍ଭବତୀ, ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଡ଼ି ସୁବିଧା ନ ଥିବାରୁ ସେମାନେ ଚାଷ କରୁଥିବା ସପୁରି, ହଳଦୀ, ଅଦା ଆଦି ସାମଗ୍ରୀ ବିକ୍ରି କରିବାକୁ ମଧ୍ୟ ନେବାରେ ଅସୁବିଧା ଭୋଗୁଛନ୍ତି | ପିଡିଏସ୍ ସାମଗ୍ରୀ ଆଣିବା ପାଇଁ ପଞ୍ଚାୟତକୁ ଯିବାକୁ ହେଲେ ଚାଲି ଚାଲି ଯାଇ ମୁଣ୍ଡରେ ଚାଉଳ ବୋହି ଆଣିବାକୁ ପଡୁଛି । ତେଣୁ ଏଥିପ୍ରତି ଦୃଷ୍ଟିଦେଇ ଏହାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଜିତୁ ଜାକେଶିକାଙ୍କ ସମେତ ଜାଙ୍ଗଯୋଡ଼ି ଗ୍ରାମର ଯମ ହୁଇକା, ଗଦା ହୁଇକା, ବୁଦରି ହୁଇକା, ମୀନା ଜାକେଶିକା, ଡିଞ୍ଜ ଜାକେଶିକା ଓ ମିଲି ହୁଇକାଙ୍କ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଧିକାରୀଙ୍କୁ ରିପୋର୍ଟ ମାଗିଲେ ବିଧାୟକ

## ମୁନିଗୁଡ଼ା ପଞ୍ଚାୟତ ସମିତି ବୈଠକ

**ମୁନିଗୁଡ଼ା,୧୯।୭ (ନନ୍ଦ କିଶୋର ପଟ୍ଟନାୟକ)**

ମୁନିଗୁଡ଼ା ପଞ୍ଚାୟତ ସମିତି ସଭାଗୃହ ପରିସରରେବ୍ଲକ୍ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକାଙ୍କ ଅଧ୍ୟକ୍ଷତା ଏବଂ ମୁନିଗୁଡ଼ା ବିଡ଼ିଓ ପ୍ରିତମ କୁମାର ତନ୍ତିଙ୍କ ସଂଯୋଜନାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ଜିଲା ପରିଷଦ ସଦସ୍ୟ ମାଧବୀ କନ୍ଧପାଣି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ଏମ୍‌ପି ପ୍ରତିନିଧି ମାନସ କୁମାର ବେହେରା,ମେଡିକାଲ ଅଫିସର ଡ଼ା. ଆଶିଷ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା ଦିନେ ରାସ୍ତାଘାଟ, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା ଓ ଜଳସେଚନ ଉପରେ ମିଳିଥିବା ସ୍ଥିତିକୁ ନେଇ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ରିପୋର୍ଟ ମାଗିଥିଲେ। ଏହି ରିପୋର୍ଟ ସେ ବିଧାନସଭା ପ୍ରଶ୍ନ କାଳରେ ପ୍ରସ୍ତାବ ଉଠାଇବାକୁ କହିଥିଲେ। ସମସ୍ତ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧି ମିଳିମିଶି କାର୍ଯ୍ୟ କଲେ ସରକାରୀ ସମସ୍ତ ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ଓ ସ୍ଥାନୀୟ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ବିଧାୟକ ହିକକା କହିଥିଲେ।

ପୂର୍ବ ବୈଠକରେ ଆଲୋଚିତ ବିଷୟବସ୍ତୁ ଉପରେ ନିଆଯାଇଥିବା ପଦକ୍ଷେପ ଉପରେ ସମ୍ପୃକ୍ତ ବିଭାଗ ବିବରଣୀ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଭି.ଭାସ୍କର ରାଓ ଶିକ୍ଷା ବିଭାଗ ବିବରଣୀ ପ୍ରଦାନ ସମୟରେ ବିଦ୍ୟାଳୟରେ ଶିକ୍ଷକ ଅନୁପସ୍ଥିତ ରହିବା,ଆବଶ୍ୟକ ଅନୁଯାୟୀ ଶିକ୍ଷକ ଅଭାବ, ମଧ୍ୟାହ୍ନଭୋଜନ, ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନ, ପରିଚାଳନା କମିଟି ଅନିୟମିୟତା ଓ ପଞ୍ଚାୟତ ବୈଠକରେ ଶିକ୍ଷା ବିଭାଗର ଅନୁପସ୍ଥିତ ଉପରେ ପ୍ରଶ୍ନ ଉଠିଥିଲା। ସେହିପରି ଆରଡି ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜ୍ଞାନୀ ବେହେରା, କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର କର, ସର୍ବଶିକ୍ଷା ବିଭାଗ ଯନ୍ତ୍ରୀ ବିଶ୍ୱଜିତ ସ୍ୱାଇଁଙ୍କ ବିବରଣୀ ପ୍ରଦାନ ସମୟରେ ପଞ୍ଚାୟତ ଲୋକ ପ୍ରତିନିଧିମାନେ ବର୍ଷା ଦିନେ ବିପର୍ଯ୍ୟସ୍ତ ରାସ୍ତାଘାଟ, ଦୁର୍ବଳ ଡ୍ରେନେଜ ସିଷ୍ଟମ,ଚେକ ଡ୍ୟାମ ନିର୍ମାଣ, ବିଗିଡ଼ି ଯାଇଥିବା ବିଦ୍ୟାଳୟ ଭିତ୍ତିଭୂମି ଉପରେ ପ୍ରଶ୍ନ କରିଥିଲେ। ସେହିପରି କୃଷି ବିଭାଗ ଅଧିକାରୀ ଯଜ୍ଞଦତ୍ତ ସେଠୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଣୀ ସଂଯୁକ୍ତା ଗୋମାଙ୍ଗ, ପାନୀୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରମେଶ ମିଞ୍ଜ, ସିଡିପିଓ ଡାଳିମ୍ବ ନାୟକ, ବିବରଣୀ ପ୍ରଦାନ ସମୟରେ ବିଭାଗୀୟ ସ୍ଥିତି ସୁଧାର ଉପରେ ପଞ୍ଚାୟତ ପ୍ରତିନିଧି ସରସ୍ୱତୀ ଶବର,ଅନନ୍ତ ନୁଣ୍ଡ୍ରୁକା,ଉପେନ୍ଦ୍ର ସିକାକା, ପ୍ରକାଶ କାର୍ଷିକା, ନରାଙ୍ଗ ମାଝୀ, ଅନଙ୍ଗ ନାଗ, ସୁବାସ ପ୍ରାସ୍କା, ପାଇକ ଜାକେକା ପ୍ରମୁଖ ଅନେକ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରାମ ପଞ୍ଚାୟତ ଅଫିସର ମନୋରଞ୍ଜନ ବେହେରା, ଉତ୍ତମ କୁମାର ଦାସ, ବରିଷ୍ଠ କିରାଣି ସତ୍ୟାନନ୍ଦ ବେହେରା, ଯନ୍ତ୍ରୀ ରାମଚନ୍ଦ୍ର ସୁତାର ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।




ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଅଧିକାରୀ ଆଲୋଚନା କରୁଛନ୍ତି।

# ଗାରିଆ ନଦୀରେ ଡ୍ୟାମ୍ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ



ଗ୍ରାମବାସୀ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ମାଥିଲି, ୧୯।୭(ସୁବାସ ଚନ୍ଦ୍ର ଖୁଡୁପିଆ)**

- ଧନଜୀବନ, ଚାଷଜମି କ୍ଷତିଗ୍ରସ୍ତ ହେବ
- ଲିଖିତ ଭାବେ ଜଣାଇବାକୁ ଅଧିକାରୀଙ୍କ ପରାମର୍ଶ
- ଆବଶ୍ୟକ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବୁ

ଗାରିଆ ନଦୀରେ ଡ୍ୟାମ୍ ନିର୍ମାଣକୁ କମଳାପଦର ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ଡ୍ୟାମ୍ ନିର୍ମାଣ ହେଲେ ସେମାନଙ୍କ ଜମିବାଡି ଓ ଧନଜୀବନରେ କ୍ଷତି ପହଞ୍ଚାଇବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ନଦୀସ୍ଥଳ ପରିଦର୍ଶନ କରିବାକୁ ଆସିଥିବା ସରକାରୀ ଅଧିକାରୀମାନଙ୍କ ନିକଟରେ ପହଞ୍ଚି ସେମାନେ ଏପରି ଅଭିଯୋଗ କରିଥିବା ଜଣାପଡ଼ିଛି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଅନ୍ତର୍ଗତ ଖଇରୁ ଓ ଗୋବିନ୍ଦପାଲି ପଞ୍ଚାୟତର କମଳାପଦର ଗ୍ରାମ ନିକଟରେ ଗାରିଆ ନଦୀ ପ୍ରବାହିତ ହେଉଛି। ଏହି ନଦୀ ୨ ପାର୍ଶ୍ୱରେ କମଳାପଦର, ଗୋଜିଆଗୁଡ଼ା, ବାଲିଆମ, ପାକନାଗୁଡା ସହ ଅନେକ ଗ୍ରାମ ରହିଛି। ତେଣୁ ଡ୍ୟାମ୍ ନିର୍ମାଣ ହେଲେ ଏହି ନଦୀକୁ ଲାଗିଥିବା ଉପରୋକ୍ତ ଗ୍ରାମଗୁଡିକର ଗ୍ରାମବାସୀ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବେ। ସେମାନଙ୍କ ଧନଜୀବନ ଓ ଚାଷଜମିକୁ କ୍ଷତି ପହଞ୍ଚାଇବ। ଏହାର ପ୍ରତିବାଦରେ ପୂର୍ବତନ ସରପଞ୍ଚ ଧବୁଲୁ ଖିଲଙ୍କ ସହ ଗ୍ରାମବାସୀ ଏକାଠି ହୋଇଥିଲେ। ଆଲୋଚନା ବେଳେ ଡ୍ୟାମ୍ ନିର୍ମାଣ ହେଲେ ସେମାନଙ୍କର ହେବାକୁ ଥିବା ଜମିବାଡି ଓ ଜାଗା କ୍ଷତି ସମ୍ପର୍କରେ ଅବଗତ କରାଇ ଏ ଦିଗରେ ପ୍ରଶାସନ ପକ୍ଷରୁ କ'ଣ ବ୍ୟବସ୍ଥା କରାଯିବ ବୋଲି ପଚାରିଥିଲେ। ଏହାର ଉତ୍ତରରେ ଉପସ୍ଥିତ ଅଧିକାରୀମାନେ ସେମାନଙ୍କୁ ଆପଣମାନେ ଏ ସମ୍ପର୍କରେ ଲିଖିତ ଭାବେ ପ୍ରଦାନ କରନ୍ତୁ। ଏହାକୁ ଆମେ ଆମ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇବୁ। ଏନେଇ ସେ ସରକାରଙ୍କୁ ଅବଗତ କରାଇବେ। ପରେ ସରକାର ଆପଣମାନଙ୍କ ମସ୍ୟା ବୁଝିବେ ବୋଲି କହିଥିଲେ। ଏଥିରେ ଗ୍ରାମବାସୀ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଡ୍ୟାମ୍ ନିର୍ମାଣ କରିବାକୁ ଦେବୁନାହିଁ ବୋଲି କହି ଆବଶ୍ୟକ ହେଲେ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ। ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ଚେତାବନୀ ଦେଇଥିଲେ।

# ଡାଇଭର୍ସନ ରାସ୍ତାରେ ଫସିଲା ବସ୍, ପିକ୍ଅପ୍ ଭ୍ୟାନ

**ଠିକାଦାରଙ୍କ ମନମୁଖି କାର୍ଯ୍ୟ ଅନ୍ୟମାନଙ୍କ ପ୍ରତି ସୃଷ୍ଟି କରୁଛି ବିପଦ**

**ପଡିଆ, ୧୯।୭(ଭାସ୍କର ରାଓ)**

ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଡାଇଭର୍ସନ ରାସ୍ତାରେ ଫସିଲା ଲକ୍ଷ୍ମୀବସ୍। ମାଲକାନଗିରି ଜିଲାର କାଲିମେଲାଠାରୁ ପଡ଼ିଆକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ନୁଆଁଣିଆ ପୋଲଗୁଡିକୁ ଉଚ୍ଚା କରିବା ପାଇଁ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକାଦାର ଦୀର୍ଘଦିନଠାରୁ କାର୍ଯ୍ୟ ଆରମ୍ଭ କରିଥିଲେ। ପୋଲ ନିର୍ମାଣ ବେଳେ ଉଭୟ ପାର୍ଶ୍ୱରେ ଯାତାୟାତ ଲାଗି କେବଳ ମାଟି ପକାଇ ଡାଇଭର୍ସନ ରାସ୍ତା ତିଆରି କରିଥିଲେ। ମାଟି ଉପରେ ମେଟାଲ କିମ୍ବା ମୋରମ ପକାଯାଇ ନ ଥିବାରୁ ବର୍ଷା ହେଲେ ଏହି ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇ ରହୁଛି। ଠିକାଦାର କରିଥିବା ଡାଇଭର୍ସନ ରାସ୍ତା କାଦୁଅ ହେତୁ ଭାରିଯାନଗୁଡିକ ଯାତାୟାତ ବେଳେ ରାସ୍ତାକଡରେ ଫସିଯାଉଛି। ଏପରିକି ବାଇକ୍ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। ଶୁକ୍ରବାର ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିଲା ବେଳେ ସେହି ଡାଇଭର୍ସନ ରାସ୍ତା ଦେଇ ଲକ୍ଷ୍ମୀ ବସ୍ ଅତିକ୍ରମ କରୁଥିଲା। ଏହି ସମୟରେ ଗାଡ଼ି ଚକା ଦବିଯାଇ ରାସ୍ତାକଡରେ ଫସି ଯାଇଥିଲା। ଫଳରେ ଯାତ୍ରୀମାନେ କାଦୁଅ ଭିତରେ ଦୀର୍ଘ ସମୟ ଫସିରହିଥିଲେ। ଏହା ପରେ ଏକ ପିକ୍ଅପ୍ ଭ୍ୟାନ୍ ମଧ୍ୟ କାଦୁଅରେ ଫସି ରହିଯିବାରୁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଦୀର୍ଘ ସମୟ ପରେ ଏକ ଟ୍ରାକ୍ଟର ସାହାଯ୍ୟରେ ଗାଡ଼ି ଦୁଇଟିକୁ ଉଠାଯାଇଥିଲା। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଗାଡିମୋଟର ରାଜ୍ୟ ଏବଂ ଆନ୍ତଃରାଜ୍ୟକୁ ଯାତାୟାତ କରୁଛି। ଏପରିସ୍ଥଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଅନ୍ୟମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରଶାସନ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



କାଦୁଅରେ ଫସି ରହିଥିବା ବସ୍ ଓ ଭ୍ୟାନ୍।

## ସଂକ୍ଷେପରେ

### କାର୍ଯ୍ୟକ୍ଷମ ହେବ ଓବିସି ଛାତ୍ରାବାସ

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁରର ତେଲିଗୁଡ଼ାଠାରେ କିଛି ବର୍ଷ ତଳେ ପଛୁଆବର୍ଗ (ଓବିସି)ର ପିଲାଙ୍କ ପାଇଁ ଛାତ୍ରାବାସ ପ୍ରତିଷ୍ଠା ହୋଇଥିଲା। ଏହା କାର୍ଯ୍ୟକ୍ଷମ ହୋଇ ନ ଥିଲା। ଚଳିତ ବର୍ଷ ଉକ୍ତ ଛାତ୍ରାବାସ କାର୍ଯ୍ୟକ୍ଷମ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ଛାତ୍ରାବାସରେ ପିଲା ରହିବା ପାଇଁ ଆବେଦନ ଆହ୍ୱାନ କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି କହିଛନ୍ତି। ଜିଲାର ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗ ଓ ଅନ୍ୟାନ୍ୟ ପଛୁଆବର୍ଗର ଯୁକ୍ତ୨ କିମ୍ୱା ଉର୍ଦ୍ଧ୍ୱ ଶିକ୍ଷାର୍ଥୀମାନଙ୍କୁ ଏଥିରେ ଆବେଦନ କରିବାକୁ କୁହାଯାଇଛି। ଶିକ୍ଷାର୍ଥୀମାନେ ଅଗଷ୍ଟ ୬ ପର୍ଯ୍ୟନ୍ତ ଆବେଦନ କରିପାରିବେ। କେନ୍ଦ୍ରୀୟ ଯୋଜନାରେ ପ୍ରତିଷ୍ଠା ହୋଇଥିବା ଏହି ଛାତ୍ରାବାସ ୪୦୦ ସିଟ୍ ବିଶିଷ୍ଟ। ଛାତ୍ରାବାସ ପାଇଁ ଶତକଡ଼ା ୬୦ ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ଦେଇଥିବା ବେଳେ ୪୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ବହନ କରିଛନ୍ତି। ତେବେ କୌଣସି କାରଣରୁ ଉଦ୍‌ଘାଟନ ହୋଇ କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଉକ୍ତ ଛାତ୍ରାବାସକୁ କାର୍ଯ୍ୟକ୍ଷମ କରି ଶିକ୍ଷାର୍ଥୀମାନଙ୍କୁ ସୁବିଧା ଯୋଗାଇଦେବାକୁ ପ୍ରଶାସନ ପଦକ୍ଷେପ ନେବା ଆରମ୍ଭ କରିଛି।

### କରଡି ପାଇଁ ଜଙ୍ଗଲକୁ ଯାଇ ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଦାମନଯୋଡି, ୧୯।୭ (ମାନସ ରଞ୍ଜନ କର)**

କରଡି ପାଇଁ ଜଙ୍ଗଲକୁ ଯାଇ ନିଖୋଜ ହୋଇଯାଇଥିବା ଯୁବକ ଲକ୍ଷ୍ମଣ ନାୟକ(୨୫)ଙ୍କ ମୃତଦେହ ଶୁକ୍ରବାର ମିଳିଛି। ନାରାୟଣପାଟଣା ଥାନା ପୋଲିସ ବୁଢାପଣସ ଓ ପିଲାପଣସ ମଝିରେ ଥିବା ଜଙ୍ଗଲରୁ ତାଙ୍କ ମୃତଦେହ ଜବତ କରିଥିବା ଜଣାପଡିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ପରିବାର ଓ ଗ୍ରାମଲୋକଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ନାରାୟଣପାଟଣା ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି। କୋରାପୁଟ ଜିଲା ଦାମନଯୋଡି ଥାନା ଅନ୍ତର୍ଗତ ମରିଚମାଳ ଗ୍ରାମର ଲକ୍ଷ୍ମଣ ମଙ୍ଗଳବାର ସ୍ଥାନୀୟ ବୁଢାପଣସ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ବାଉଁଶ କରଡି ଆଣିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଓ ଗ୍ରାମଲୋକେ ବହୁ ଖୋଜାଖୋଜି କଲା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏନେଇ ବୁଧବାର ପରିବାର ଲୋକେ ଦାମନଯୋଡି ଥାନାରେ ଜଣାଇଥିଲେ।

### ଲଘୁଚାପଜନିତ ଲଗାଣ ବର୍ଷାରେ ଚିତ୍ରକୋଣ୍ଡା ବେହାଲ

**ଚିତ୍ରକୋଣ୍ଡା, ୧୯।୭(କ୍ଷୀରୋଦ ବେହେରା)**

ମାଲକାନଗିରି ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ସାତ ଦିନରୁ ଉର୍ଦ୍ଧ୍ୱ ଦିନ ହେଲା ଲାଗିରହିଛି। ଏହି ଲଗାଣ ବର୍ଷାରେ ଚିତ୍ରକୋଣ୍ଡା ବେହାଲ ହୋଇପଡିଛି। ବର୍ଷା ଯୋଗୁ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡିଛି। ସେଇଭଳି ନଦୀ ନାଳ ପୋଖରୀ ଗାଡିଆଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ଯୋଗୁ ଚାଷୀ ତଳିରୁଆ, ମଇ କରିବା କାମ ଜାରି ରଖିଛି। ତେବେ ଦିନ ତମାମ ବର୍ଷା ଲାଗି ରହିଥିବାରୁ ଚାଷୀଙ୍କ ଚାଷ କାର୍ଯ୍ୟରେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡା ସହର ଓ କଲୋନୀର ଡ୍ରେନଗୁଡ଼ିକ ଅବରୋଧ ହୋଇ ଅଳିଆ ଆବର୍ଜନା ରାସ୍ତାରେ ଭାସୁଛି। ଦୈନିକ ମାର୍କେଟ ଦଶହରା ମଣ୍ଡପଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ଓ ପାଢ଼ୀ ଛକଠାରୁ ଶିଶୁ ମନ୍ଦିର ରାସ୍ତା ଖାଲ ଢିପ ହୋଇଥିବାରୁ ଏହି ରାସ୍ତା ଅବସ୍ଥା ବର୍ଷାରେ ଶୋଚନୀୟ ହୋଇପଡିଛି। ତହସିଲ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ସେହି ସମାନ ଅବସ୍ଥା ହୋଇଛି।

### ଦାଦନ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଲା

**ପାତ୍ରପୁର, ୧୯।୭ (ଉମାଚରଣ ନେପାକ)**

ଦାଦନ ଖଟିବାକୁ କୋଏମ୍ବାଟୁର ଯାଇ ପ୍ରାଣ ହରାଇଥିବା ଶ୍ରମିକଙ୍କ ମୃତଦେହ ଶୁକ୍ରବାର ଗ୍ରାମରେ ପହଞ୍ଚିଛି। ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସତ୍କାର କରାଯାଇଛି। ପାତ୍ରପୁର ବ୍ଲକ ତୁରୁବୁଡି ପଞ୍ଚାୟତ ଚଲଣା ପାହାଡ଼ ଗ୍ରାମର ଯୁବକ ସନ୍ତୋଷ ଜାନି ଗତ ୧୭ ତାରିଖରେ କୋଏମ୍ବାଟୁର ସରକାରୀ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ବେଳେ ପ୍ରାଣ ହରାଇଥିଲେ। ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଦ୍ୱିତୀୟ ଦିବସରେ ୬ ପଞ୍ଚାୟତର ୱାର୍ଡସଭ୍ୟ ନେଲେ ପ୍ରଶିକ୍ଷଣ

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**



ଶିବିରରେ ତାଲିମ ନେଉଥିବା ୱାର୍ଡସଭ୍ୟମାନେ।

ଜୟପୁର ବ୍ଲକ୍ ସଭାଗୃହରେ ଶୁକ୍ରବାର ଦ୍ୱିତୀୟ ଦିବସରେ ଗ୍ରାମପଞ୍ଚାୟତର ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଅନ୍ତର୍ଗତ କୁମୁଲିପୁଟ, କାଳିଆ ଗାଁ, କଙ୍ଗା, ଫାମ୍ପୁଣି, ରାଣୀଗଡ, ଉମୁରି ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। ଶିବିରରେ ଏସ୍ଆଇଆର୍‌ଡି ଦ୍ୱାରା ପ୍ରଶିକ୍ଷକ ରୂପେ ମନୋନୀତ ସୁରେଶ ହୋତା ଏବଂ ଗୋପୀନାଥ ପ୍ରଧାନୀ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ପଞ୍ଚାୟତର କିଭଳି ନିଜସ୍ୱ ଆୟ ବୃଦ୍ଧି ହେବ, ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ୨ ବର୍ଷ ପରେ କିଭଳି ସରପଞ୍ଚମାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ, ପଞ୍ଚାୟତର ଉନ୍ନୟନ ପ୍ରକଳ୍ପ କିପରି ଆଗତ କରାଯିବ, ଏଥିରେ ୱାର୍ଡସଭ୍ୟମାନଙ୍କ ଭୂମିକା ରହିବ, ସେମାନଙ୍କ ଅଧିକାର, କର୍ତ୍ତବ୍ୟ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ୱାର୍ଡସଭ୍ୟମାନଙ୍କୁ ଅବଗତ କରାଯାଇଥିଲା। ଶିବିରରେ ଜିଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଭାଗୀରଥି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ବଡଜିଉନା, ଜାମୁଣ୍ଡା, ପୂଜାରିପୁଟ, ଧନପୁର, ଡଙ୍ଗରଛିଞ୍ଚି, ଟାଙ୍କୁଆ ପଞ୍ଚାୟତର ୱାର୍ଡ ସଭ୍ୟମାନେ ପ୍ରଶିକ୍ଷଣ ନେଇଥିଲେ।

### ଖତଖାଉଛି ଯୋଗାଣ ବିଭାଗର ଚାଉଳ ଗୋଦାମ

**ଧରାକୋଟ, ୧୯।୭(ବିଷ୍ଣୁ କେଶରୀ ଆଚାରୀ)**

ଧରାକୋଟ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ 'ଖାଦ୍ୟ ପାଇଁ କାମ' ଯୋଜନାରେ ଆସୁଥିବା ଚାଉଳ ଗଚ୍ଛିତ ରଖିବା ପାଇଁ ନିକଟସ୍ଥ ଜାନିବିଲିଠାରେ ରାଜ୍ୟ ଯୋଗାଣ ନିଗମ ତରଫରୁ ଏକ ଗୋଦାମ ଘର ନିର୍ମାଣ କରାଯାଇଥିଲା। ରାଜ୍ୟ ସରକାର ଖାଦ୍ୟ ପାଇଁ କାମ ଯୋଜନା ବନ୍ଦ କରିବା ପରେ କିଛିଦିନ ଯୋଗାଣ ବିଭାଗ ତରଫରୁ ଏହାକୁ ବ୍ୟବହାର କରାଯାଇଥିଲା। ସଂପ୍ରତି ଚାଷୀଙ୍କଠାରୁ ସଂଗୃହୀତ ଧାନ ମଣ୍ଡି ଓ ମିଲର ପାଖକୁ ଯିବାପରେ ମିଲରୁ ଚାଉଳ ସିଧା ଏଫସିଆଇକୁ ଚୁକ୍ତି ମୁତାବକ ଯୋଗାଣ ହେଉଛି। ଫଳରେ ଏହି ଗୋଦାମ ଅଲୋଡ଼ା ହୋଇଯାଇ ସରୀସୃପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି।

### ନାବାଳିକାଙ୍କୁ ବଳାତ୍କାର ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**

ନାବାଳିକାଙ୍କୁ ବଳାତ୍କାର ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଟାଉନ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନାନୁଯାୟୀ ଜୟପୁର ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୨ରେ ଅଭିଯୁକ୍ତ ଜଣକ ବଳାତ୍କାର କରିଥିଲେ। ଏନେଇ ପରିବାର ଲୋକେ ଜାଣିବା ପରେ ଏକ ବୈଠକ ବସିଥିଲା। ନାବାଳିକା ଜଣକ ପ୍ରାପ୍ତବୟସ୍କ ହେବା ପରେ ବିବାହ କରିବାକୁ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ଅଭିଯୁକ୍ତ କିନ୍ତୁ ଅନ୍ୟ ଜଣେ ଯୁବତୀଙ୍କୁ ନେଇ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୟପୁର ଟାଉନ ଥାନାଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ବୋଲ୍‌ବମ୍ ଯାତ୍ରା ନେଇ ପ୍ରଶାସନର ପ୍ରସ୍ତୁତି

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**

ସୋମବାରଠାରୁ ଆରମ୍ଭ ହେବ ପବିତ୍ର ଶ୍ରାବଣ ମାସ। ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରରେ କାଉଡ଼ିଆଙ୍କ ଭିଡ଼ ଜମିବ। ବିଭିନ୍ନ ସ୍ଥାନରୁ କାଉଡ଼ିଆମାନେ ଜଳଭାର ଧରି ଗୁପ୍ତେଶ୍ୱର ପୀଠକୁ ଆସିବେ। ଏହାକୁ ଦୃଷ୍ଟିରେ ରଖି ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ପାଇ ବୈପାରିଗୁଡ଼ା ପୋଲିସକୁ ଦାୟିତ୍ୱ ଦିଆଯାଇଛି। ଗୁପ୍ତେଶ୍ୱର ପୀଠରେ ବିଦ୍ୟୁତ୍ ସରବରାହ ଯେପରି ନିରନ୍ତର ଭାବେ ରହିବ ସେନେଇ ଟାଟା ପାୱାରକୁ ନିର୍ଦ୍ଦେଶ ହୋଇଛି। ଦୁଇଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯୋଗାଇବାକୁ କୁହାଯାଇଛି। ଗୁପ୍ତେଶ୍ୱର ପୀଠ ସହ ରାସ୍ତାଘାଟ ଆଦି ସଫେଇ କାର୍ଯ୍ୟର ତଦାରଖ ଜୟପୁର ପୌର ପରଷଦ ଓ ବ୍ଲକ ପ୍ରଶାସନ କରିବେ। ଭକ୍ତ ରହିବା ପାଇଁ ଦୁଇଟି ଟେଣ୍ଟର ବ୍ୟବସ୍ଥା ହେବ ବୋଲି ନିଷ୍ପତ୍ତି ହୋଇଛି। ରାସ୍ତାରେ ଉପୁଡିପଡିଥିବା ଗଛ ହଟାଇବାକୁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସେହିପରି ବୋଲ୍‌ବମ୍ ଭକ୍ତଙ୍କୁ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏହି ବୈଠକରେ ଉପ ଜିଲାପାଳ ପ୍ରଭାତ ପରିଡ଼ା, ଏସ୍‌ଡିପିଓ ଅଙ୍କିତ ବର୍ମା, ତହିଲଦାର ମୋନାଲିସା ଆଚାର୍ଯ୍ୟ, ଗୁପ୍ତେଶ୍ୱରଙ୍କ ପୂଜକ ବାବୁଲି ମିଶ୍ର, ବୈପାରିଗୁଡ଼ା ବିଡିଓ ଭାସ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉମୁରୀ ଗାଁରେ ଗୋଷ୍ଠୀ ସଂଘର୍ଷ

**୨ ମାମଲା ରୁଜୁ, ୬ ଜଣଙ୍କୁ କୋର୍ଟ ଚାଲାଣ**

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅଧୀନ ଉମୁରୀ ଗ୍ରାମରେ ଅଶାନ୍ତି ଲାଗି ରହିଛି। ଦୁଇ ଗୋଷ୍ଠୀ ସଂଘର୍ଷରେ ଜଣେ ଗୁରୁତର ହୋଇ ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଗୁରୁବାର ରାତିରୁ ପୋଲିସ୍ ଗ୍ରାମରେ ପଇଁତରା ମାରୁଥିବାବେଳେ ଦୁଇଟି ମାମଲା ରୁଜୁ ହୋଇଛି। ଫାଇରିଙ୍ଗ ହୋଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜୟପୁର ସଦର ଥାନା କେସ୍ ନଂ. ୨୨୬/୨୪ରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ଉମୁରୀ ଗ୍ରାମର ସୁରେଶ ଖୋସଲା(୪୦), ସୁରଜ ଖୋସଲା (୨୭), ଆକାଶ ନାଗ(୨୬), ଲଛମନ୍ ଖୋସ୍‌ଲା (୪୬) ଏବଂ ଗୁଞ୍ଜନ୍ ଲାଲ୍ (୨୬)। ପୋଲିସ୍ ଭାରତୀୟ ନ୍ୟାୟ ସଂହିତାର ଧାରା ୧୯୧(୨)/୧୯୧(୩)/୧୯୦/୨୯୬/୧୧୮(୧)/୧୦୯/୩୫୧(୨) ଅନୁସାରେ ମାମଲା ରୁଜୁ କରିଥିବା ବେଳେ ଆର୍‌ଡବ୍ଲ୍ୟୁର ଧାରା ୨୫/୨୭ ଆର୍ମ୍ସ ଆକ୍ଟ ମଧ୍ୟ ଲାଗିଛି। ସେହିପରି ସଦର ଥାନା ମାମଲା ନଂ ୨୨୭/୨୪ରେ ଉମୁରୀ ମାଇରା ସାହିର ଆର୍ଜୁନ ହରିଜନ(୩୫)ଙ୍କୁ ମଧ୍ୟ ପୋଲିସ୍ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ସଚେତନତା ରଥ ଉଦ୍‌ଘାଟିତ



ବିଡିଓ ଶକ୍ତି ମହାପାତ୍ର ସଚେତନତା ରଥକୁ ଉଦ୍‌ଘାଟନ କରୁଛନ୍ତି।

**ଜୟପୁର, ୧୯।୭(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ୍ କାର୍ଯ୍ୟାଳୟରେ ଶୁକ୍ରବାର ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲିଙ୍କ ଉପସ୍ଥିତିରେ ବିଡିଓ ଶକ୍ତି ମହାପାତ୍ର ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରଥିଲେ। ଏହି ରଥ ଜୟପୁର ବ୍ଲକ୍ ଅଧୀନରେ ଥିବା ଆଦର୍ଶ ଗ୍ରାମକୁ ଯାଇ ସ୍ୱଚ୍ଛ ଭାରତ ଉପରେ ସଚେତନ କରିବ। ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ବର୍ଜନ କରି ପ୍ଲାଷ୍ଟିକ୍‌ମୁକ୍ତ ଗାଁ ଗଢ଼ିବା, ଅନାବଶ୍ୟକ ବାଜ୍ୟବସ୍ତୁ ସୃଷ୍ଟି ବନ୍ଦ କରିବା ନେଇ ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ଉପସ୍ଥିତ ଥିଲେ।

# ଶହୀଦ ନରସିଂହ ଡମ ସମାଜ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ବିଧାୟକ ମଙ୍ଗୁ ଖିଲଙ୍କୁ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

**ମାଥିଲି, ୧୯।୭(ସୁବାସ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ଶହୀଦ ନରସିଂହ ଡମ ସମାଜ ପକ୍ଷରୁ ଆଦିବାସୀ ମାନ୍ୟତା ଦାବିକରି ବିଧାୟକ ମଙ୍ଗୁ ଖିଲଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କର୍ମକର୍ତ୍ତାଙ୍କ ସହ ଆଲୋଚନାକରି ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ସମସ୍ତ ମୁଖ୍ୟ ବ୍ୟକ୍ତିମାନେ ଭୁବନେଶ୍ୱର ଆସନ୍ତୁ, ସେଠାରେ ଆମେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ବୋଲି ବିଧାୟକ କହିଥିଲେ।

# ଠିକାଦାରଙ୍କ ସହ ଆଲୋଚନା ପରେ ହଷ୍ଟେଲ ଖୋଲିଲା

**ଧରିତ୍ରୀ ପ୍ରଭାବ**

**ଚିତ୍ରକୋଣ୍ଡା, ୧୯।୭(କ୍ଷୀରୋଦ ବେହେରା)**

ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲ ସମସ୍ୟାକୁ ନେଇ ଛାତ୍ରୀ ହନ୍ତସନ୍ତ ହେଉଥିବା ନେଇ ଖବର ଗତ ୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମାଲକାନଗିରି ଜିଲାପାଳ ସଚିନ ପାୱାର ଏଥିରେ ହସ୍ତକ୍ଷେପକରି ହଷ୍ଟେଲ ସମସ୍ୟା ସମାଧାନ କରିବାକୁ ଜିଲା ମଙ୍ଗଳ ଅଧିକାରୀ କେ. ଶ୍ରୀନିବାସ ଆଚାରୀ ଓ ପିଏ ଆଇଟିଡିଏ ରାଜଶ୍ରୀ ଥାନେଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ୨ ଅଧିକାରୀଙ୍କ ସହ ଚିତ୍ରକୋଣ୍ଡା ଡବ୍ଲ୍ୟୁଓ, କନିଷ୍ଠ ଯନ୍ତ୍ରୀ ଶିବାଶିଷ ବିଶ୍ୱାସ ଓ ଅନ୍ୟ କର୍ମଚାରୀ ଚିତ୍ରକୋଣ୍ଡାସ୍ଥିତ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ଠିକାଦାରଙ୍କ ସହ ଆଲୋଚନା କରିଥିଲେ। ଠିକାଦାର ହଷ୍ଟେଲକୁ ପରିଷ୍କାର ପରିଚ୍ଛନ୍ନକରି ସହ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ହସ୍ତାନ୍ତର କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ହଷ୍ଟେଲରେ ରହିବାକୁ ସମସ୍ତ ବ୍ୟବସ୍ଥା କରିବା ପରେ ଶୁକ୍ରବାରଠାରୁ ହଷ୍ଟେଲରେ ଛାତ୍ରୀମାନେ ରହିଛନ୍ତି। ସୂଚନାଯୋଗ୍ୟ, ଚିତ୍ରକୋଣ୍ଡାରେ ଗତ କିଛି ବର୍ଷ ତଳେ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏଥିରେ ସ୍ୱାଭିମାନ, ଉପାନ୍ତ ଅଞ୍ଚଳର ଛାତ୍ରୀମାନେ ନାମ ଲେଖାଇ ଯୁକ୍ତ ୨ ଉଚ୍ଚଶିକ୍ଷା ଲାଭ କରିବା ବ୍ୟବସ୍ଥା ହୋଇଥିଲା। ମାତ୍ର ଏଠାରେ ହଷ୍ଟେଲ ସୁବିଧା କରାଯାଇ ନ ଥିବାରୁ ଛାତ୍ରୀମାନେ ଚିତ୍ରକୋଣ୍ଡାରେ ରହି ପାଠ ପଢିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିଲେ। ଉକ୍ତ ବିଦ୍ୟାଳୟରେ ୨୦୨୩ -୨୪ରେ ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷରେ ୫୦ ଜଣ ଛାତ୍ରୀ ନାମ ଲେଖାଇ ପାଠ ପଢୁଥିବା ବେଳେ ଚଳିତ ବର୍ଷ ୨୦୨୪-୨୫ରେ ଏଠାରେ ହଷ୍ଟେଲ ବ୍ୟବସ୍ଥା କରାଯାଇ ନ ଥିବାରୁ ଏ ବର୍ଷ ମାତ୍ର ୬ ଜଣ ଛାତ୍ରୀ ନାମ ଲେଖାଇବାକୁ ଆବେଦନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୩ ବର୍ଷ ହେଲା ହଷ୍ଟେଲ ନିର୍ମାଣ କାର୍ଯ୍ୟ ପ୍ରାୟ ସରିଯାଇଥିଲେ ମଧ୍ୟ ଠିକାଦାରଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ମିଳି ନ ଥିବାରୁ ସେ ହଷ୍ଟେଲକୁ ହସ୍ତାନ୍ତର କରୁ ନ ଥିଲେ।



ଛାତ୍ରୀମାନେ ହଷ୍ଟେଲ ଡାଇନିଂ ହଲ୍‌ରେ ବସି ଖାଉଛନ୍ତି।

## ସଂକ୍ଷେପରେ

### ୩ ଦିନ ପରେ ନିଖୋଜ ଯୁବତୀଙ୍କ ମୃତଦେହ ଜବତ

ଟିକିରି,୧୯ ।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ନୂଆଗାଁ ଗ୍ରାମ ଦେଇ ଯାଇଥିବା ନଦୀରୁ ୩ ଦିନ ହେଲା ନିଖୋଜ ଥିବା ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନୂଆଗାଁର ସୁଲ ମାଝୀ (୨୫)। ଗତ ମଙ୍ଗଳବାର ସୁଲ ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଗ୍ରାମବାସୀ ନଦୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଖବରପାଇ ଅଣ୍ଡରାକଞ୍ଚ ପୋଲିସ ଏବଂ ଅଗ୍ନିଶମ ବାହିନୀ ସହାୟତାରେ ଲଗାତାର ୩ ଦିନ ଧରି ଖୋଜି ନିରାଶ ହୋଇଥିଲେ। ଗୁରୁବାର ସେହି ଗ୍ରାମର ଜଣେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବାହିନୀଙ୍କୁ ଜଣାଇଥିଲେ। ସେମାନେ ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ପୋଲ ଉପରେ ୪ ଫୁଟ୍ ପାଣି


ପୋଲ ଉପରେ ପ୍ରବାହିତ ହେଉଥିବା ପାଣି।

ପାପଡ଼ାହାଣ୍ଡି, ୧୯ ।୭(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଲଘୁଚାପଜନିତ ଲଗାଣବର୍ଷା ଜାରି ରହିଛି। ଶୁକ୍ରବାର ଶହୀଦ ମିନାର ନିକଟରେ ଥିବା ଟୁରୀ ନଦୀର ଅସ୍ଥାୟୀ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି। ଫଳରେ ନବରଙ୍ଗପୁରରୁ ଉମରକୋଟକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୂଚନାନୁଯାୟୀ, ଶୁକ୍ରବାର ସକାଳ ୮ଟା୪୦ରେ ପୋଲ ଉପରେ ୨ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଏହାପରେ ଜଳସ୍ତର ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହି ସମୟରେ ଉଭୟ ପଟରେ ଯାନବାହନ ଅଟକିରହିଥିଲା। ଖବର ପାଇ ତହସିଲଦାର ତପନ ନାୟକ, ଥାନାଧିକାରୀ ଦୀପକ କୁମାର ଜେନା ପ୍ରମୁଖ ପୋଲ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନକରି ଫେରିଥିଲେ। ପୋଲର ଉଭୟ ପାର୍ଶ୍ୱରେ ଅଗ୍ନିଶମ ଓ ପୋଲିସ ବିଭାଗ ପହଞ୍ଚି ପହରା ଦେଇଛନ୍ତି। ପାଣି ନିକଟକୁ କାହାରିକୁ ଛଡ଼ାଯାଉନାହିଁ। ସନ୍ଧ୍ୟା ୬ଟା ସୁଦ୍ଧା ପୋଲ ଉପରେ ୪ଫୁଟ ଉଚ୍ଚର ପାଣି ବହୁଥିଲା। ନବରଙ୍ଗପୁରରୁ ଉମରକୋଟ ଯିବା ଗାଡ଼ିଗୁଡ଼ିକୁ ପାପଡ଼ାହାଣ୍ଡିରୁ ମଇଦଲପୁର, ମାନିଗାଁ ଦେଇ ଡାବୁଗାଁ ଦେଇ ଛଡ଼ାଯାଉଛି। ଉପରମୁଣ୍ଡରେ ବର୍ଷା ଲାଗି ରହିଥିବା ଯୋଗୁ ପୋଲ ଉପରେ ବର୍ଷା ପାଣି ବଢ଼ିବା ଆଶଙ୍କା ରହିଛି।

## ଜୁଆଖେଳ ବନ୍ଦ କରିବାକୁ ସ୍ମାରକପତ୍ର

ନବରଙ୍ଗପୁର,୧୯ ।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଜୁଆ କାରବାର ଚାଲିଛି। ଏହାକୁ ରୋକିବା ନେଇ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶଙ୍କୁ ସାକ୍ଷାତକରି ଏକ ସ୍ମାରକ ପତ୍ର ଦେଇଛନ୍ତି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ଜୁଆ ଖେଳିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ଯାନବାହାନରେ ଅନେକ ଏ ଅଞ୍ଚଳକୁ ଆସୁଛନ୍ତି। ପୋଲିସ ଏ ସମ୍ପର୍କରେ ଅବଗତ ହୋଇ ମଧ୍ୟ ଚୁପ୍ ରହୁଛନ୍ତି। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ପ୍ରତ୍ୟେକ ଦିନ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଏହି ଜୁଆ ଖେଳ ଚାଲିଥିବାରୁ ବହୁ ଲୋକ ତଳିତଳାନ୍ତ ହେବା ସଙ୍ଗେସଙ୍ଗେ ଅପରାଧୀକ କାର୍ଯ୍ୟକଳାପରେ ଲିପ୍ତ ହେଉଛନ୍ତି। ଥାନା କର୍ମଚାରୀ ଜୁଆ ଖେଳରୁ ମାସିକିଆ ବଟି ଆଦାୟ କରୁଥିବା ନେଇ ନନ୍ଦ ତାଙ୍କ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ନବରଙ୍ଗପୁର ଜିଲାର ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ବନ୍ଦ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୋଲିସ୍ ମହାନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଛନ୍ତି।

## କୋରାପୁଟ ଜିଲାରେ ୬୧୦.୪ ମିଲିମିଟର ବର୍ଷା

କୋରାପୁଟ,୧୯ ।୭(ଅମିତାଭ ବେହେରା)

କୋରାପୁଟ ଜିଲାରେ ଶୁକ୍ରବାର ୬୧୦.୪ ମିଲିମିଟର ବର୍ଷା ହୋଇଥିବାବେଳେ ଜିଲାର କୋଟପାଡ଼ ବ୍ଲକରେ ସର୍ବାଧିକ ୧୨୩. ମିମି ବର୍ଷା ହୋଇଥିବା ନେଇ ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଜିଲାର କୁନ୍ଦୁରା ବ୍ଲକରେ ୬୫.୨, ନନ୍ଦପୁର ବ୍ଲକରେ ୪୯ ମିମି, କୋରାପୁଟ ବ୍ଲକରେ ୫୨.୨ ମିମି, ସେମିଲିଗୁଡ଼ା ବ୍ଲକରେ ୬୫ ମିମି, ବୋରିଗୁମ୍ମା ବ୍ଲକରେ ୪୦.୬ ମିମି, ଲମତାପୁଟ ବ୍ଲକରେ ୫୫ ମିମି, ଜୟପୁର ବ୍ଲକରେ ୬୦.୪ ମିମି, ବୈପାରୀଗୁଡ଼ା ବ୍ଲକରେ ୫୩ ମିମି, ଲକ୍ଷ୍ମୀପୁର ବ୍ଲକରେ ୧୦.୨ମିମି, ଦଶମନ୍ତପୁର ବ୍ଲକରେ ୮ ମିମି, ବନ୍ଧୁଗାଁ ବ୍ଲକରେ ୪ମିମି, ନାରାୟପାଟଣା ବ୍ଲକରେ ୧୪.୬ ମିମି ପଟ୍ଟାଙ୍ଗି ବ୍ଲକରେ ୫.୧ମିମି ବର୍ଷା ବର୍ଷା ରେକର୍ଡ କରାଯାଇଛି।

## 'ଅଧିକାରୀ, ଜନପ୍ରତିନିଧି ସମନ୍ୱୟ ରଖି କାମ କର'

### ଚନ୍ଦ୍ରପୁରରେ ପଞ୍ଚାୟତ ସମିତି ବୈଠକ

ଚନ୍ଦ୍ରପୁର, ୧୯ ।୭ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ସଭା ଗୃହ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୈନ କିମାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟ ଜିତ ଗମାଙ୍ଗ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରିଥିଲେ।

ବ୍ଲକର ଭାରପ୍ରାପ୍ତ ଜିପିଇଓ ରାଜେନ୍ଦ୍ର କୁମାର ପାଲ ପ୍ରଥମେ ବୈଠକ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବ୍ଲକ୍ ଅଧ୍ୟକ୍ଷ କିମାକା ବିଧାୟକଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆଇସିଡିଏସ, ଖାଉଟି କଲ୍ୟାଣ, ସାଧାରଣ ବଣ୍ଟନ, ପଶୁ ପାଳନ, ସାମାଜିକ ସୁରକ୍ଷା ସହ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ପ୍ରଶାସନିକ ଅଧିକାରୀ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କ ସହ ସମନ୍ୱୟ ରଖି କାମ କରିବାକୁ ବୈଠକରେ ବିଧାୟକ ପରାମର୍ଶ ଦେଇଥିଲେ। ବିଜେପୁର ଏବଂ ପିସକାପଙ୍ଗା ପଞ୍ଚାୟତରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ବୁଦିବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା ପ୍ରସ୍ତାବ ଦେଇଥିଲେ। ଏଥିସହ ବୁଦିବାଲି ପଞ୍ଚାୟତ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର ଠିକ ସମୟରେ ଆସୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ବହୁ ଗ୍ରାମରେ ପିଇବା ପାଣି ଠିକ ରୂପେ ମିଳୁ ନ ଥିବା ବହୁ ସରପଞ୍ଚ, ସମିତି ସଭ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ବିଡ଼ିଓ ଅକ୍ଷୟ କୁମାର ମଲିକ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରଡେକା, ବ୍ଲକ ଉପାଧ୍ୟକ୍ଷ ମାଳତୀ ମାଲବିଶାଇ, ଏମ୍‌ପି ପ୍ରତିନିଧି, ଭୀମ ଗୋଗେରେଙ୍ଗା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର, ଯୋଗାଣ ସହାୟକ ମାନସ ଜେନା, ବ୍ଲକ ଶିକ୍ଷାଧିକାରୀ ଗଣେଶ ବେହେରା, ସିଡିପିଓଙ୍କ ସମେତ ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, ଓଡିଶା ଜୀବିକା ମିଶନ, ପଶୁପାଳନ ପ୍ରଭୃତି ବିଭାଗର ଅଧିକାରୀ ଏବଂ ୮ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।


ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଉଛି।

## ଦୋକାନରେ ପଶିଲା ବର୍ଷାଜଳ



କୋଷାଗୁମୁଡ଼ା, ୧୯ ।୭(ପ୍ରସାଦ ବିଷୋୟୀ)

ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ମୁଖ୍ୟ ରାସ୍ତାର ଥିବା ଏକ ଦୋକାନରେ ବର୍ଷାପାଣି ପଶିଯାଇଛି। ସାମାନ୍ୟ ବର୍ଷାରେ ଏଭଳି ସ୍ଥିତି ହୋଇଥିବାବେଳେ ବର୍ଷା ବଢ଼ିବ ହେଲେ କ'ଣ କରିବେ ସେ ନେଇ ଚିନ୍ତାରେ ଅଛନ୍ତି ଦୋକାନୀ। ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ଦାବି କରାଯାଇଛି। ସୂଚନାନୁଯାୟୀ, କୋଷାଗୁମୁଡ଼ାରୁ ପାପଡ଼ାହାଣ୍ଡି ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତାକୁ ଓସାର କରିବା ପାଇଁ ଡ୍ରେନ୍‌କୁ ପୋତାଯାଇ ମେଟାଲିଂ କରାଯାଇଛି। ଡ୍ରେନ୍ ପୋତା ଯାଇଥିବାବେଳେ ଗ୍ରୀଷ୍ମଋତୁରେ ନୂତନ ଡ୍ରେନ୍ ନିର୍ମାଣ କରାଯାଇ ନାହିଁ । ବର୍ତ୍ତମାନ ବର୍ଷାରେ ଡ୍ରେନ୍ କାମ କରାଯାଉଛି। ଫଳରେ ରାସ୍ତାରେ ଓ ଦୋକାନଗୁଡ଼ିକରେ ପାଣି ପଶିଯାଉଛି। ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ଯିବା ଆସିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାପାଣି ଯିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ ।

## ବର୍ଷା ହେଲେ ରାସ୍ତା ଉପରେ ଅଳିଆ, ଦୂଷିତ ଜଳ


ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ପାର୍ଶ୍ୱରେ ଜମି ରହିଥିବା ବର୍ଷାଜଳ।

କୋଟପାଡ଼, ୧୮ ।୭(କେ. ରାଜ ଶେଖର ରାଓ)

### ଜାତୀୟ ରାଜପଥ ୨ ପାର୍ଶ୍ୱରେ ନାହିଁ ଡ୍ରେନେଜ୍ ବ୍ୟବସ୍ଥା

କୋରାପୁଟ ଜିଲା କୋଟପାଡ଼ ମୁଖ୍ୟ ଜାତୀୟ ରାଜପଥ ୬୩ ନଂ ଜାତୀୟ ରାଜପଥର ପାର୍କ ଓ ବନ ବିଭାଗ କାର୍ଯ୍ୟାଳୟ ଦୁଇ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ରୂପେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ବର୍ଷା ହେଲେ ରାସ୍ତା ଉପରେ ସହରର ଅଳିଆ ଆବର୍ଜନା ପାଣି ରାସ୍ତା ଉପରେ ଭାସି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏନ୍ଏସି ପକ୍ଷରୁ ସଫେଇ ଠିକ୍ ରୂପେ ହେଉ ନ ଥିବାରୁ ପାର୍କ ନିକଟସ୍ଥ ଜାତୀୟ ରାଜପଥ କଲଭର୍ଟ ଦେଇ ଜଳ ନିଷ୍କାସନ ହେଇପାରୁନାହିଁ। ଅନ୍ୟପକ୍ଷରେ ଚଳିତବର୍ଷ ପାର୍କ ନିକଟସ୍ଥ ଦେବାନ ମୁଣ୍ଡା ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ଏନ୍ଏସି ଦ୍ୱାରା କରାଯାଇ ପୋଖରୀର ପଙ୍କ ଓ ମାଟି ଜାତୀୟ ରାଜପଥକୁ ଲଗାଇ ପୋଖରୀ ହୁଡ଼ାକୁ ଉଚ୍ଚ କରାଯାଇଛି। ଫଳରେ ରାଜପଥର ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଛି। ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପୋଖରୀ ପାର୍ଶ୍ୱରେ ଏକ ଅସ୍ଥାୟୀ ଡ୍ରେନ୍ ତିଆରିକରି ଉକ୍ତ କଲଭର୍ଟକୁ ସଂଯୋଗ କରାଯାଇଛି। ତେବେ ରାସ୍ତା ପାର୍ଶ୍ୱରେ ଜଣେ ଚାଷୀଙ୍କ ଚାଷଜମି ଥିବାରୁ ଡ୍ରେନ୍‌ର ସବୁ ପାଣି ତାଙ୍କ ଜମିରେ ପଶୁଛି। ଏହାକୁ ରୋକିବାକୁ ଚାଷୀ ଜଣକ ନିଜ ଜମିକୁ ଲଗାଇ ଏକ ମାଟି ହିଡ଼ ଦେଇଛନ୍ତି। ଫଳରେ ପାଣି ଠିକ୍ ରୂପେ ନିଷ୍କାସନ ହୋଇ ନ ପାରି ଏହା ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ରୂପେ ଜଣାଇ କିଛି ସୁଫଳ ନ ମିଳିବାରୁ ବିଗତ ଦିନରେ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଏହା ସତ୍ତ୍ୱେ ଏଯାଏ ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ଅନ୍ୟପକ୍ଷରେ ଡ୍ରେନ୍ ନିର୍ମାଣ ସକାଶେ ଜାତୀୟ ରାଜପଥ ବିଭାଗ କନିଷ୍ଠଯନ୍ତ୍ରୀ ଟଙ୍କା ମଞ୍ଜୁର ହୋଇଥିବା କହୁଥିଲେ ମଧ୍ୟ ଏଯାଏ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ପାର୍କ ନିକଟସ୍ଥ କଲଭର୍ଟକୁ ଡ୍ରେନ୍ ସଂଯୋଗକରି ଉଦଗଡ଼ ଡିପ ପାର୍ଶ୍ୱ ଦେଇ ଡ୍ରେନ୍ ନିର୍ମାଣ କଲେ ଏହି ସମସ୍ୟାର ସମାଧାନ ହେଇପାରିବ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଗୁଡ଼ାରି ଅଞ୍ଚଳର ବିକାଶ ନେଇ ବିଧାୟକଙ୍କୁ ଦାବିପତ୍ର

ଗୁଡ଼ାରି,୧୯ ।୭ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ବ୍ଲକ୍ ଅଞ୍ଚଳର ବିକାଶ ତଥା ଉନ୍ନତି ନିମନ୍ତେ ସ୍ଥାନୀୟ 'ୟୁଥ୍ ଫର୍ ଚେଞ୍ଜ' ଯୁବଗୋଷ୍ଠୀ ପକ୍ଷରୁ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯୁବଗୋଷ୍ଠୀ ବ୍ଲକ୍ ଅଫିସଠାରେ ବିଧାୟକଙ୍କୁ ଭେଟି ୧୦ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଗୁଡ଼ାରିରୁ ଭୁବନେଶ୍ୱର, ଜୟପୁର ଓ ବିଶାଖାପାଟଣା ସରକାରୀ ବସ୍ ଚଳାଚଳ, ବିଜ୍ଞାନ ଯୁକ୍ତ ୨ କଲେଜରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି, ମେଡିକାଲରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ, ଗୁଡାରିରେ ସରକାରୀ ଆଇଟିଆଇ କଲେଜ ସ୍ଥାପନ, ଜଳସେଚନ ବ୍ୟବସ୍ଥା ନିମନ୍ତେ ବଡନାଳ ପ୍ରକଳ୍ପକୁ ଗୁଡାରି ସହ ସଂଯୋଗ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ତ ଦାବି ତର୍ଜମା କରିବା ପରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଗମାଙ୍ଗ କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ 'ୟୁଥ୍ ଫର୍ ଚେଞ୍ଜ' ଯୁବଗୋଷ୍ଠୀର ଦୀପକ ନିମାଲ, ସୁଦାମ ଶବର, ବିଷ୍ଣୁପ୍ରସାଦ ସାହୁ, ଏମ୍. ଗୌତମ, କେ. କିରଣ, ରଞ୍ଜନ ରଥ, କଳିକେଶ, ମୀନକେଶଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



## ରକ୍ତହୀନତାରେ ପୀଡ଼ିତ ବ୍ୟକ୍ତି ଫର୍ଟିଫାଏଡ୍ ଚାଉଳ ଖାଇବା ଜରୁରୀ



ବୈଠକରେ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର,୧୯ ।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ତାଲିମ ଶିବିର କରାଯାଇଛି। ଫର୍ଟିଫାଏଡ୍ ଚାଉଳ ଖାଇବାର ଲାଭ, କେଉଁମାନଙ୍କୁ ଏହି ଚାଉଳ ଖାଇବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ତାଲିମ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଳୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିପିଏଚ୍‌ଓ, ଡା. ନବକିଶୋର ବେହେରା, ଡିଏମ୍ଓ ଡା. ସୁକାନ୍ତ ଶତପଥୀ, ଜିଲା ବେସାମରିକ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡିପିଏମ୍, ସୁଶାନ୍ତ କୁମାର ପ୍ରହରାଜ, ସିଡିପିଓ, ସବିତାରାଣୀ ବ୍ରହ୍ମା ଏଡିପିଏଚ୍‌ସିଓ ରାମହରି ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ରାଇସ୍ ଫର୍ଟିଫିକେଶନ ଡବ୍ଲ୍ୟୁଏଫ୍‌ପିର ରାଜ୍ୟ ପରାମର୍ଶଦାତା ମୋନା ଜେଠୁଆ ଯୋଗଦେଇ ଫର୍ଟିଫାଏଡ୍ ଚାଉଳର ଉପକାରିତା ଓ ଉପଯୋଗିତା ସମ୍ପର୍କରେ କହିଥିଲେ। ରକ୍ତହୀନତାରେ ପୀଡ଼ିତ ପିଲା ତଥା ଲୋକେ ଏହି ଚାଉଳ ଖାଇବାର ଆବଶ୍ୟକତା ସମ୍ପର୍କରେ ଅଙ୍ଗନୱାଡି କେନ୍ଦ୍ର ଏବଂ ଗ୍ରାମାଞ୍ଚଳରେ ଜନ ସଚେତନତା ସୃଷ୍ଟି ନେଇ ତାଲିମ ଦିଆଯାଇଛି। ଫର୍ଟିଫାଏଡ୍ ଚାଉଳରେ ଅନେକ ପୋଷକ ଗୁଣ ଥାଏ। ଏଥିରେ ଲୋଇ, ଫଲିକ୍ ଏସିଡ୍ ଓ ଭିଟାମିନ ବି-୧୨ ପରି ସୂକ୍ଷ୍ମ ପୋଷକ ତତ୍ତ୍ୱ ରହିଥାଏ। ଅଧିକ ପୁଷ୍ଟିସାର ପାଇବା ପାଇଁ ଏହି ଚାଉଳକୁ ପର୍ଯ୍ୟାପ୍ତ ପରିମାଣରେ ରାନ୍ଧିବା ଉଚିତ ଏବଂ ବଳକା ପାଣିକୁ ଫୋପାଡ଼ିବା ଉଚିତ ନୁହେଁ। ଏହି ଚାଉଳ ସରକାରୀ ରାଶନ ଦୋକାନରେ ମିଳେ। ଏହା ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ଦିଆଯାଇଥିବା ପୁଷ୍ଟିସାର , ଆହାର ଏବଂ ସ୍କୁଲର ମଧ୍ୟାହ୍ନଭୋଜନ ପାଇଁ ଦିଆଯାଏ ବୋଲି ବୈଠକରେ ଆଲୋଚନା ହୋଇଛି। ଏହି ତାଲିମ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଡିପିଏମ୍, ସୁଶାନ୍ତ କୁମାର ପ୍ରହରାଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## 'ପ୍ରେରଣା ଜୀବନ ଶୈଳୀକୁ ପରିବର୍ତ୍ତନର ରୂପ ଦେଇଥାଏ'

### ପିଏମ୍‌ଶ୍ରୀ ଜେଏନ୍‌ଭିରେ ଜିଲାସ୍ତରୀୟ ପ୍ରେରଣା ଉତ୍ସବ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୯ ।୭ (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଖାତିଗୁଡ଼ା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜିଲାସ୍ତରୀୟ ପ୍ରେରଣା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରାରମ୍ଭରେ ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। 'ପିଏମ୍ ଭିଜନ ଫର୍ ଇଣ୍ଡିଆ' ବିକଶିତ ଭାରତ ୨୦୨୪ ସ୍ଲୋଗାନକୁ ନେଇ ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ଛାତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଇଓ ରେଶମଲାଲ ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଇଓ ପ୍ରେରଣା କ'ଣ ଏହା କେଉଁ ଉଦ୍ଦେଶ୍ୟ ନେଇ ସମ୍ପର୍କରେ ଉଦାହରଣ ସ୍ୱରୂପ କିଛି ବାର୍ତ୍ତା ଦେଇଥିଲେ। ପ୍ରେରଣା ଏକ ମାଧ୍ୟମ। ଏହା ଅନେକଙ୍କ ଜୀବନଶୈଳୀକୁ ପରିବର୍ତ୍ତନର ରୂପ ଦେଇଥାଏ। ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟର ପ୍ରେରଣା ଓ ନିଜର ଇଚ୍ଛାଶକ୍ତିର ମଧ୍ୟ ଆବଶ୍ୟକ ପଡିଥାଏ। ବର୍ତ୍ତମାନ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ବିଶ୍ୱରେ ଦ୍ରୁତଗତିରେ ଅଗ୍ରସର ହେଉଛି। ଡିଜିଟାଲ ଦୁନିଆରେ ଆମେ ବହୁ କିଛି ହାତ ପାହାନ୍ତାରେ ଜାଣିପାରୁଛେ ବୋଲି କହିବା ସହ ଏହି ଭଳି ଅନେକ ଉଦାହରଣ ଦେଇ ଡିଇଓ ଛତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜିଲାର ୧୦ଟି ବ୍ଲକ୍‌ରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ ଯୋଗଦେଇଥିଲେ। ଚିତ୍ରାଙ୍କନ, ସଙ୍ଗୀତ, ରଚନା ଲିଖନ, କବିତା ଲିଖନ, ଗଳ୍ପ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ୩୦ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ୩୦ ଜଣ ଛାତ୍ରୀଛାତ୍ରଙ୍କ ନାମ ଅନ୍‌ଲାଇନରେ ସ୍ଥାନ ଦିଆଯିବ। ସେଥିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩୦ ଜଣ କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଜଣେ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ଜିଲାରୁ ଚୟନ କରାଯିବ। ମନୋନୀତ ହୋଇଥିବା ଛାତ୍ରୀଛାତ୍ର ସେଠାରୁ ଗୁଜରାଟ ଯିବେ। ବିଭିନ୍ନ ପ୍ରତିଯୋଗିତାରେ ୩୦ଜଣ ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

